# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**14 March – 2026**

## ବରପୁତ୍ର ଐତିହ୍ୟ ଗ୍ରାମ

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏହି ଯୋଜନାର ପ୍ରଥମ ବୈଠକର ନିଷ୍ପତ୍ତି ଅନୁସାରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ, ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀକକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ଆଦି ସ୍ଥାପନ କରାଯିବ । ପ୍ରଥମ ପର୍ଯ୍ୟାୟରେ ଐତିହ୍ୟ ଗ୍ରାମ ଯୋଜନାରେ ୨୫ଜଣ ବରପୁତ୍ରଙ୍କର ନାମ ସ୍ଥିର କରାଯାଇଛି । ପ୍ରତ୍ୟେକ ବରପୁତ୍ରଙ୍କର ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସରକାର ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ବୈଠକରୁ ଜଣାପଡ଼ିଛି ।

## ପିଏମ୍ କିଷାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତିରେ ଦେଶର ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର ୬୪୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଓଡ଼ିଶାର

୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ କିସ୍ତି ବାବଦରେ ୬୮୪ କୋଟି ଟଙ୍କା ବଣ୍ଟନ କରାଯାଇଛି ।

ଏହି ଯୋଜନାରେ ଗଞ୍ଜାମ ଜିଲ୍ଲାର ୧ ଲକ୍ଷ ୬୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ, ଯାଜପୁର ଜିଲ୍ଲାର ୧ ଲକ୍ଷ ୬୧ ହଜାର ୫୪୩, ଭଦ୍ରକର ୧ ଲକ୍ଷ ୫୮ ହଜାର ୨୫୧, କେନ୍ଦ୍ରାପଡ଼ାର ୧ ଲକ୍ଷ ୨୬ ହଜାର ୨୫୦, ରାୟଗଡ଼ାର ୪୭ ହଜାର ୮୫୯ ଜଣ ଚାଷୀ ଉପକୃତ ହୋଇଛନ୍ତି ।

---

## ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆଜି ପୂର୍ବାହ୍ଣ ୧୦ଘଟିକା ସମୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ୍ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧିନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ। ବାଣିଜ୍ୟ ଓ ପରିବହନ ବିଭାଗର ସୂଚନା ଅନୁସାରେ, ୨୦୨୫ ଜୁଲାଇ ମାସପୂର୍ବରୁ ଜାରି ହୋଇଥିବା ପୁରୁଣା ଗାଡ଼ି ଚାଲାଣ ବାବଦରେ ଏକକାଳୀନ ପୈଠ ବ୍ୟବସ୍ଥାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଜୋରିମାନା ଅଦାଲତରେ ବିଚାର କରାଯିବ ।

---

## ହସ୍ତଶିଳ୍ପ

ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସିଦ୍ଧିକୁ ବିଶ୍ୱବ୍ୟାପୀ କରାଇବା ତଥା ରାଜ୍ୟରେ ହସ୍ତଶିଳ୍ପ, ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କର ଲକ୍ଷ୍ୟ ରଖିଛନ୍ତି ବୋଲି ବିଭାଗୀୟ ସଚିବ   ଗୁହା ପୁନମ୍ ତାପସ କୁମାର

କହିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍ ନିର୍ମାଣର ଡିଜାଇନ୍, ସାଜସଜା, ପାର୍କିଂସ୍ଥଳ, ଫୁଡ୍‌କୋଟ୍ ସହ ସଂପୂର୍ଣ୍ଣ କୋଠାକୁ ପୁରାତନ କଳାକୃତିରେ ସଜାଇବା ପାଇଁ ବୈଠକରେ ସ୍ଥିର ହୋଇଛି । ଗୋଟିଏ ସ୍ଥାନରେ ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ କରାଇବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

---

## ରଥଯାତ୍ରା - ପ୍ରସ୍ତୁତି ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ପୁରୀଠାରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ରଥଯାତ୍ରାପାଇଁ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଆସନ୍ତା ରଥଯାତ୍ରା ସମୟରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଗମନାଗମନ, ସ୍ୱାସ୍ଥ୍ୟ, ପରିମଳ ଓ ଯୋଗାଯୋଗ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ।

---

## ନବମ ଶ୍ରେଣୀ ନାମଲେଖା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଚଳିତମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ଆଡମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ

ଆସନ୍ତା ୧୬ ତାରିଖ ସୋମବାରଠାରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ପିଏମ୍‌ଶ୍ରୀ ଉତ୍ସବ

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗ୍ରାମସ୍ଥିତ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଜାତୀୟ ଶିକ୍ଷାନୀତି ସହିତ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା ।

## ପଣ୍ୟ ପରିବହନ

ପୂର୍ବତଟ ରେଳବାଇ ବର୍ଷକ ମଧ୍ୟମେର ୫ଶହ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ବର୍ଷକ ମଧ୍ୟରେ ୨୬୨ ଦଶମିକ ୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରିଛି, ଯାହାକି ବିଗତ ବର୍ଷ ତୁଳନାରେ ୧୦ ଦଶମିକ ୪ ପ୍ରତିଶତରୁ ଅଧିକ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

## ଦୌଡ଼କୁଦ ପ୍ରତିଯୋଗିତା

ଓଡ଼ିଶା ଦୌଡ଼କୁଦ ସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ୍ ପଡ଼ିଆରେ ଦୁଇଦିନିଆ ପ୍ରଥମ ଓଡ଼ିଶା ରାଜ୍ୟ ସ୍ପ୍ରିଣ୍ଟ୍ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି । ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼

ଏବଂ ୧୦୦, ୨୦୦ ଓ ୪୦୦ ମିଟର ହଡଲ୍ସ ଆଦି ବର୍ଗରେ ପ୍ରତିଯୋଗୀମାନେ ଭାଗନେବେ । ସକାଳ ୮ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ଅପରାହ୍ଣ ୩ଟାରୁ ଆରମ୍ଭ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଗଣିତ ଦିବସ

'ଗଣିତ ଓ ଆଶା'ର ବିଷୟବସ୍ତୁ ନେଇ ଆଜି ଅନ୍ତର୍ଜାତୀୟ ଗଣିତ ଦିବସ ପାଳନ କରାଯାଉଛି । ପାଇଥୋ ଗୋରିଆନ୍ ମାନେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଗଣିତ ଶବ୍ଦ ସୃଷ୍ଟି କରିଥିଲେ । ଏହି ସଂଖ୍ୟା ଜୀବନର ଏକ ଅଂଶବିଶେଷ ଭାବେ ବିବେଚନା କରାଯାଇଥାଏ । ରାଜ୍ୟର ଶିକ୍ଷାନୁଷ୍ଠାନ, ସଂଗ୍ରହାଳୟ, ପାଠାଗାର ଗୁଡ଼ିକରେ ଗଣିତ ଦିବସ ପାଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ପାଣିପାଗ

ଉପକୂଳ ଅଞ୍ଚଳ ସମେତ ରାଜ୍ୟର ପଶ୍ଚିମ ଭାଗରେ ଦିନ ତାପମାତ୍ରା ଅଧିକ ବୃଦ୍ଧି ପାଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଝାରସୁଗୁଡ଼ାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ୧୩ଟି ସହରରତ ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ରହିଥିଲା ।  ଆଜି ଓ ଆସନ୍ତାକାଲି ରାଜ୍ୟର ଉପକୂଳ ଅଞ୍ଚଳଗୁଡ଼ିକରେ କାଳବୈଶାଖୀର ସମ୍ଭାବନା ଥିବା ନେଇ  ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।